# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 August - 2024**

**News Editor : *Itishree Singh Rathaur***

---

# ଆଳୁ ସମସ୍ୟା

ରାଜ୍ୟରେ ଆଳୁ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଳୁ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବାକୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ମମତା ବାନାର୍ଜୀ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

---

# ଯୁବଦିବସ

ଯୁବବର୍ଗଙ୍କୁ ସୁସ୍ଥ, ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବାର୍ତ୍ତାରେ କହିଛନ୍ତି ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଯାଏ । ସୁସ୍ଥ ଜୀବନଯାପନ ବିଷୟରେ ସଚେତନ ନ ହେଲେ ଯୁବକମାନେ ଏଚ୍ଆଇଭି ଭୂତାଣୁ  ଏଡ୍ସ ଭଳି ମାରାତ୍ମକ ରୋଗର ଶିକାର ହୋଇପାରନ୍ତି । ଏଡ୍ସ ଏବଂ ଏଥିସହ ଅନ୍ୟ ସଂକ୍ରମଣ

ଉପରେ ସଚେତନତା ସୃଷ୍ଟି ପାଇଁ ଆଜିଠାରୁ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ ହେଉଛି । ଏଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ।

---

## ବିଶ୍ୱ ହାତୀ ଦିବସ

ହାତୀମାନଙ୍କର ସୁରକ୍ଷା ଏବଂ ସେମାନଙ୍କର ସଂରକ୍ଷଣ ବାର୍ତ୍ତା ନେଇ ୨୦୧୧ ମସିହାରୁ ଆଜିର ଦିନକୁ ବିଶ୍ୱ ହାତୀ ଦିବସ ଭାବେ ପାଳନ କରାଯାଉଛି । ହାତୀ ଗଣନା ରିପୋର୍ଟ-୨୦୨୪ ଅନୁସାରେ ରାଜ୍ୟରେ ଗତ ୭ ବର୍ଷରେ ୧୨୨ଟି ହାତୀ ବୃଦ୍ଧି ପାଇବା ଫଳରେ ହାତୀ ସଂଖ୍ୟା ୨ହଜାର ୯୮ରେ ପହଞ୍ଚିଛି । ଏହି ଗଣନାରେ ୩୮ଟି ବନଖଣ୍ଡକୁ ସାମିଲ କରାଯାଇଥିଲା । ୧୩ଟି ବନଖଣ୍ଡରେ ଆଦୌ ହାତୀ ନଥିବା ଜଣାପଡ଼ିଛି । ଗତ ୫ ବର୍ଷରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ହାତୀ ସଫାରୀରେ ଆଜି ଏହି ଦିବସ ପାଳନ କରାଯିବ । ଅତିଥିମାନେ ହାତୀମାନଙ୍କୁ ସୁସ୍ୱାଦୁ ଖାଦ୍ୟ ପ୍ରଦାନ

କରିବେ । ଏହା ବ୍ୟତୀତ ହାତୀଙ୍କ ସୁରକ୍ଷାକୁ ନେଇ ଦସ୍ତଖତ ଅଭିଯାନ କରାଯିବ ।

## ଖଣିଜ ପାଣ୍ଠି ଅପବ୍ୟବହାର

ଜିଲ୍ଲା ଖଣିଜ ଫାଉଣ୍ଡେସନ ପାଣ୍ଠିର ଅପବ୍ୟବହାର ନେଇ ତଦନ୍ତ ଆରମ୍ଭ ହୋଇଥିବା ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି । ମନ୍ତ୍ରୀ କହିଛନ୍ତି ଦୁର୍ନୀତି ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ନେଇ କାର୍ଯ୍ୟ କରୁଛନ୍ତି । ପୂର୍ଣ୍ଣ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ସହ ଆର୍ଥିକ ଅନିୟମିତତାକୁ ରୋକିବା ସରକାରଙ୍କ ଲକ୍ଷ୍ୟ । ତଦନ୍ତ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

### ଜନଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ବନ୍ଦ ରହିଛି। ଭୁବନେଶ୍ୱର, ୟୁନିଟ ୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଏହି ଜନଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଏଡ ନାମଲେଖା

ଚଳିତ ଶିକ୍ଷାବର୍ଷରେ ବିଏଡ୍, ବିଏଚଏଡ୍ ଏବଂ ଏମ୍‌ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ଚୟନ ତାଲିକା ପ୍ରକାଶ ପାଇବ । ଏଥିରେ ମନୋନୀତ ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୧୭ତାରିଖ ମଧ୍ୟରେ

ନାମ ଲେଖାଇପାରିବେ । ଆସନ୍ତା ସେପ୍ଟେମ୍ବର ମାସ ୨୩ ତାରିଖରୁ ପାଠପଢା ଆରମ୍ଭ ହେବ ବୋଲି ଜଣାପଡିଛି ।

## +୨ ନାମଲେଖା

ରାଜ୍ୟରେ ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି । ଆଜିଠାରୁ ସ୍ପଟ୍ ନାମଲେଖା ଆରମ୍ଭ ହେବ । ଆସନ୍ତା ୧୪ ତାରିଖ ମଧ୍ୟରେ ଆଶାୟୀ ଛାତ୍ରଛାତ୍ରୀ ଏଥିପାଇଁ ଚଏସ୍ ଲକିଂ କରିପାରିବେ । ଆସନ୍ତା ୨୦ ତାରିଖ ପୂର୍ବାହ୍ନରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ । ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ୨୨ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ ।

## ନିମନ୍ତ୍ରଣ

ପୁରୀ ଜିଲ୍ଲା ଚନ୍ଦନପୁର ଅନ୍ତର୍ଗତ ତଳଜଙ୍ଗ ଗ୍ରାମର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଆଶାକର୍ମୀ ସୁକାନ୍ତୀ ଜେନାଙ୍କୁ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାଧୀନତା ଦିବସ ପ୍ୟାରେଡ୍ ଦେଖିବାକୁ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଛି । ସୁକାନ୍ତୀଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ସେ ପୂର୍ବରୁ ଅନେକଥର ସମ୍ମାନିତ ହୋଇଛନ୍ତି । ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ଅନେକ ସଂକ୍ରାମକ ରୋଗର ପ୍ରତିହତ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିବା ଜଣାପଡ଼ିଛି ।

# ଆକ୍ୱାଟିକ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସବ୍-ଜୁନିୟର ଓ ଜୁନିୟର ଆକ୍ୱାଟିକ୍ ଚାମ୍ପିୟାନ୍‌ସିପ୍ ଉଦ୍‌ଯାପିତ ହୋଇଛି । ଏଥିରେ ଓଡ଼ିଶାକୁ ମୋଟ୍ ୩ଟି ପଦକ ମିଳିଥିବା ବେଳେ ୧୦୪ ପଦକ ସହ କର୍ଣ୍ଣାଟକ ଚାମ୍ପିୟାନ୍ ହୋଇଛି । ରାଜ୍ୟର ମନ୍ନତା ମିଶ୍ର ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେହିଭଳି ଶ୍ରୀୟାସୀ ଦାସ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଜେତା ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ଟେବୁଲ୍ ଟେନିସ୍

ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ୍ ସଂଘ ଆନୁକୂଲ୍ୟରେ କଟକ ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଆଜିଠାରୁ ରାଜ୍ୟସ୍ତରୀୟ ଆନ୍ତଃ ସ୍କୁଲ୍ ଟେବୁଲ୍ ଟେନିସ୍ ଚାମ୍ପିୟାନ୍‌ସିପ୍ ଆରମ୍ଭ ହେଉଛି । ଆସନ୍ତା ବୁଧବାର ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ କନିଷ୍ଠ ବର୍ଗରେ ବାଳକ, ବାଳିକା, ଦଳଗତ ଓ ବ୍ୟକ୍ତିଗତ ପ୍ରତିଯୋଗିତା ହେବ । ପରେ ଗୁରୁବାର ଠାରୁ ୨୯ତମ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚମ୍ପିୟାନ୍‌ସିପ୍ ଅନୁଷ୍ଠିତ ହେବ ।

# ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲି ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୮ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।